## କିଛି ଉପାଦେୟ ତଥ୍ୟ

୧. ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ।
୨. ବୁଣିବା ପୂର୍ବରୁ ବିହନ ବିଶୋଧନ କରିବା ନିହାତି ଆବଶ୍ୟକ।
୩. ଯଦି ରାଇଜୋବିୟମ୍ କଲ୍‌ଚର୍ ମିଳୁଥାଏ ତାହେଲେ ବ୍ୟବହାର କରିବା ନିହାତି ଜରୁରୀ।
୪. ଜମି ପ୍ରସ୍ତୁତି ସମୟରେ ଫସଲର ଅବଶିଷ୍ଟାଂଶ ଓ ଘାସ ସବୁ ବାଛି ନଷ୍ଟ କରନ୍ତୁ।
୫. ଗ୍ରୀଷ୍ମ କାଳୀନ ଗଭୀର ଚାଷ କରିବା ଜମି ପାଇଁ ଉପାଦେୟ ହୋଇଥାଏ।
୬. ଔଷଧ ସିଂଚନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣି ବ୍ୟବହାର କରିବା ଉଚିତ।
୭. ଔଷଧ ସିଂଚନ ସବୁବେଳେ ସକାଳେ କିମ୍ବା ଉପରବେଳା କରିବା ଉଚିତ ଏବଂ ଯନ୍ତ୍ରକୁ ଭଲ ଭାବରେ ଧୋଇ ପରିଷ୍କାର କରି ରଖିବା ଉଚିତ୍।

## ଫସଲ ଉତ୍ପାଦନ

ମୁଗର ଫଳ ସବୁ ଏକା ସଙ୍ଗେ ପାକଳ ହୋଇ ନଥାଏ। ତେଣୁ ଯେମିତି ଫଳ ସବୁ ପାକଳ ହେଉଥାଏ ସେ ସବୁ ତୋଳି ଦେବା ଉଚିତ। ଥରେ ଦିଥର ତୋଳିବା ପରେ ପୁରା ଫସଲ କାଟି ଦେବା ଉଚିତ। ଫସଲ କାଟିଲା ପରେ ଅବଶିଷ୍ଟାଂଶକୁ ସବୁଜ ସାର ହିସାବରେ ମାଟିରେ ମିଶାଇ ଦିଆଯାଇପାରେ କିମ୍ବା ସବୁଜ ଗୋଖାଦ୍ୟ ହିସାବରେ ବ୍ୟବହାର କରାଯାଇ ପାରେ।

ଗ୍ରୀଷ୍ମ କାଳୀନ ମୁଗ ଚାଷରେ କିସମ ନେଇ ହେକ୍ଟର ପିଛା ୧୦ ରୁ ୧୨ କ୍ୱିଣ୍ଟାଲ ଅମଳ ହେଉଥିବା ବେଳେ ଖରିଫ୍‌ରେ ଏହା ୭ ରୁ ୮ କ୍ୱିଣ୍ଟାଲ ହିସାବରେ ଅମଳ ହୋଇଥାଏ। ତେଣୁ ଗ୍ରୀଷ୍ମ ଋତୁରେ ମୁଗ ଚାଷ କରିବା ଦ୍ୱାରା ଜମିର ଉର୍ବରତା ବୃଦ୍ଧି ହେବା ସହିତ ଫସଲ ପର୍ଯ୍ୟାୟର ଆବଶ୍ୟକତା ପୁରଣ ହୁଏ। ତା ସହିତ ୩୦ ରୁ ୪୦ କି.ଗ୍ରା. ଯବକ୍ଷାରଜାନ ପରବର୍ତ୍ତୀ ଖରିଫ ଫସଲ ପାଇଁ ସୁରକ୍ଷିତ ହୋଇ ରହେ। ତେଣୁ ଜମିର ଉର୍ବରତା ବଢାଇବା ସହିତ ଏହା ଚାଷୀଭାଇ ମାନଙ୍କର ଆର୍ଥିକ ସ୍ଥିତି ମଧ୍ୟ ସୁଦୃଢ ହେବାରେ ସାହାଯ୍ୟ କରିଥାଏ।

## ଧାନ ଭିତ୍ତିକ ଫସଲ ପର୍ଯ୍ୟାୟରେ ଉନ୍ନତ ପ୍ରଣାଳୀରେ ମୁଗ ଚାଷ

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ବୈଷୟିକ ଇସ୍ତାହାର - ୧୧୬
©ସମସ୍ତ ସତ୍ତ୍ୱ ସଂରକ୍ଷିତ - ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, ଡିସେମ୍ବର-୨୦୧୫
ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ : ଡଃ. ଏନ.ସି. ରଥ, ଡଃ. ବି.ଏନ୍. ଷଡଙ୍ଗୀ ଏବଂ ସଂଧ୍ୟା ରାଣି ଦଲାଲ୍
ଓଡିଆ ରୂପାନ୍ତର: ଶ୍ରୀମତି ସୁଜାତା ସେଠୀ
ଫଟୋ: ପ୍ରକାଶ କର ଏବଂ ବି. ବେହେରା

ପ୍ରକାଶକ: ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ, ଓଡ଼ିଶା - ୭୫୩ ୦୦୬
ମୁଦ୍ରଣ : ପ୍ରିଣ୍ଟେକ ଅଫ୍‌ସେଟ୍, ଭୁବନେଶ୍ୱର.

# ଧାନ ଭିତ୍ତିକ ଫସଲ ପର୍ଯ୍ୟାୟରେ ଉନ୍ନତ ପ୍ରଣାଳୀରେ ମୁଗ ଚାଷ

ଶିବ ମଙ୍ଗଲ୍ ପ୍ରସାଦ, ସୁଜାତା ସେଠୀ, ସୁଶାନ୍ତ କୁମାର ଦାଶ, ଶରତ କୁମାର ପ୍ରଧାନ
ଦିଲ୍ଲିପ ରଞ୍ଜନ ଷଡ଼ଙ୍ଗୀ, ମନୀଷ ଚୌରାସିଆ, ତୁଷାର ରଞ୍ଜନ ସାହୁ ଏବଂ ରଞ୍ଜନ କୁମାର ମହନ୍ତ



ଭାରତ ବର୍ଷରେ ଧାନ ଚାଷ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଜଳବାୟୁ ଓ ପରିବେଶରେ କରାଯାଇଥାଏ। ଜମିରେ ଧାନ ଅମଳ ପରେ ଗହମ, ମକା, ସୋରିଷ କିମ୍ବା ବିଭିନ୍ନ ପ୍ରକାରର ରବି ଫସଲ ଚାଷ କରାଯାଇଥାଏ। କିନ୍ତୁ କିଛି ସ୍ଥାନରେ ଧାନ ଅମଳ ପରେ ପୁଣି ଧାନ ଚାଷ କରାଯାଇଥାଏ। ଫସଲ ପର୍ଯ୍ୟାୟ ଉପରେ ଯଦି ଧାନ ଦିଆଯାଏ ତାହେଲେ ଧାନ ଅମଳ ପରେ ପୁଣି ଧାନ କିମ୍ବା ଅନ୍ୟ ଶସ୍ୟ ଜାତୀୟ ଫସଲ ଚାଷ କଲେ ମାଟିର ଉର୍ବରତା କମିଯାଏ। ଗୋଟିଏ ପଟେ ଆମେ ସବୁ ଜମିର ଉର୍ବରତା ରକ୍ଷା କରିବା କଥା କହୁଥିବା ବେଳେ ଅନ୍ୟପଟେ ଫସଲ ପର୍ଯ୍ୟାୟ ଉପରେ ଧାନ ଦେଉ ନାହୁଁ। ଫସଲ ପର୍ଯ୍ୟାୟ ଅନୁସାରେ ବର୍ଷର ତିନୋଟି ଋତୁ ମାନଙ୍କ ମଧ୍ୟରୁ ଅତି କମ୍‌ରେ ଗୋଟିଏ ଋତୁରେ ଡାଲି ଜାତୀୟ ଫସଲ ଚାଷ କରିବା ଆବଶ୍ୟକ। ଅଧିକାଂଶ ସ୍ଥାନରେ ଗ୍ରୀଷ୍ମ ଋତୁରେ ଜମି ଖାଲି ପଡିଯାଏ, କିନ୍ତୁ ଏହି ସମୟରେ ସେହି ଖାଲି ଜମିରେ ଭଲଭାବରେ ଅନ୍ୟ କେତେକ ଫସଲ ଚାଷ କରାଯାଇ ପାରିବ। ଆମ ରାଜ୍ୟରେ ବନ୍ୟା ଓ ମରୁଡି ଯୋଗୁ ଫସଲ ବହୁ ସମୟରେ ଅସୁରକ୍ଷିତ ହୋଇଯାଏ। ଧାନ ଫସଲର ଅନିୟମିତତା ପାଇଁ ଡାଲି ତଥା ତୈଳବୀଜ ଜାତୀୟ ଫସଲ ଧାନ ପରେ ଚାଷ କରିବା ପାଇଁ ଅନୁମୋଦନ କରାଯାଏ। ଏହା ଅବଶିଷ୍ଟ ଜଳୀୟ ଅଂଶକୁ ଭଲଭାବରେ ଉପଯୋଗ କରିପାରେ। ବିଭିନ୍ନ ଫସଲ ମଧ୍ୟରୁ ମୁଗ ମରୁଡି ପ୍ରଭାବିତ ଜିଲ୍ଲା ଗୁଡିକ ପାଇଁ ଏକ ସଫଳ ବିକଳ୍ପ, କାରଣ ମୁଗ ଖୁବ୍ କମ୍ ଜଳ ଦରକାର କରେ। ଏହା ବାୟୁମଣ୍ଡଳରୁ ଯବକ୍ଷାରଯାନ ସଂଗ୍ରହ କରିପାରୁଥିବାରୁ ବାହ୍ୟ ପୋଷକ କମ୍ ଆବଶ୍ୟକ କରିଥାଏ। ତେଣୁ ଏହାକୁ ଫସଲ ପର୍ଯ୍ୟାୟରେ ଅନେକ ସମୟ ପର୍ଯ୍ୟନ୍ତ ବ୍ୟବହାର କରିହେବ ଏବଂ ଏହା ଗରିବ ଚାଷୀ ମାନଙ୍କୁ ପୋଷକ ସୁରକ୍ଷା ଯୋଗାଇ ଦେବ। ମୁଗ ଚାଷ କରିବା ଦ୍ୱାରା ଏକରୁ ଅଧିକ ଫସଲ ଉତ୍ପାଦନ ହେବା ସଙ୍ଗେ ସଙ୍ଗେ ଡାଲି ଉତ୍ପାଦନ ହୋଇଥାଏ ତଥା ଜମିର ଅନେକ ପ୍ରକାର ଲାଭ ହୋଇଥାଏ। ସଫଳ ଧାନ ଭିତ୍ତିକ ମୁଗଚାଷ କରିବା ପାଇଁ ଆମ୍ଭ ମାନଙ୍କୁ ପ୍ରଥମ ଫସଲ ଧାନ ବିଷୟରେ କେତୋଟି ଦିଗକୁ ମଧ୍ୟ ଧ୍ୟାନ ଦେବାକୁ ପଡିବ।

**ଶାରଦ ଧାନ ଚାଷ:** ସାଧାରଣତଃ ଢ଼ିପ, ମଧ୍ୟମ ଓ ମଧ୍ୟମ ଖାଲୁଆ ଜମିରେ ଶାରଦ ଧାନ ପରେ ମୁଗ ସଫଳ ଭାବରେ କରାଯାଇ ପାରିବ । ଢ଼ିପ ଜମିରେ ଦ୍ୱିତୀୟ ଫସଲ ପାଇଁ ହାଲୁକା ଜଳସେଚନର ଆବଶ୍ୟକତା ଥିବାବେଳେ ମଧ୍ୟମ ଓ ମଧ୍ୟମ ଖାଲୁଆ ଜମିରେ ବିନା ଜଳ ସେଚନ ରେ ମଧ୍ୟ ସହଳ କିସମ ମୁଗ ଚାଷ କରାଯାଇ ପାରେ।

## ବିହନ ଚୟନ

ସଫଳ ଭାବରେ ଦୁଇଟି ଫସଲର ଚାଷ ପାଇଁ ନିମ୍ନୋକ୍ତ ଧାନ ବିହନ ବ୍ୟବହାର କରାଯାଇ ପାରିବ।

## ଢ଼ିପ ଜମି

ହୀରା, ବନ୍ଦନା, ଅଞ୍ଜଳୀ, ସହଭାଗୀ ଧାନ ଓ ବୀରେନ୍ଦ୍ର । ଏଗୁଡ଼ିକ ୯୦-୧୦୦ ଦିନ ମଧ୍ୟରେ ଅମଳ ହେବା ସହିତ ଭଲ ପରିସ୍ଥିତିରେ ପ୍ରତି ହେକ୍ଟର ପିଛା ୩.୦ ରୁ ୪.୫ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ।

## ବର୍ଷାଶ୍ରିତ ମଧ୍ୟମ ଜମି

ଅନ୍ନଦା, ସି.ଆର୍ ଧାନ-୪୦ (କାମେଶ୍), ସି.ଆର୍ ଧାନ-୧୦୦ (ସତ୍ୟଭାମା), ଖଣ୍ଡଗିରୀ, ସିଦ୍ଧାନ୍ତ, ଏମ୍.ଟି.ୟୁ-୧୦୧୦ ଇତ୍ୟାଦି କିସମ କମ୍ ଦିନ ଯଥା ୧୦୦ ରୁ ୧୧୫ ଦିନ ମଧ୍ୟରେ ଖୁବ୍ ଭଲ ଅମଳ ଦେଇଥାଏ (ପ୍ରତି ହେକ୍ଟର ପିଛା ୩.୫ ଟନ୍ ରୁ ୪.୫ ଟନ୍)।

## ମଧ୍ୟମ ଜଳସେଚିତ ଜମି




ଧାନ କିସମ ଯଥା, ସି.ଆର୍ ଧାନ-୩୦୫, ସି.ଆର୍ ଧାନ-୩୦୪, ସି.ଆର୍ ଧାନ-୩୦୦, ଉନ୍ନତ ଲଲାଟ, ଉନ୍ନତ ତପସ୍ୱୀନୀ, ଫଲ୍‌ଗୁନୀ, ସତ୍ୟକ୍ରୀଷ୍ଣ, ଶତାବ୍ଦୀ, କ୍ଷିତିଶ୍, ନବୀନ୍, ଆଇ.ଆର୍ -୬୪, ବିଜେତା, ସୁରେନ୍ଦ୍ର, ପ୍ରତିକ୍ଷା ଓ ଗଜପତି ୧୨୦ ରୁ ୧୩୫ ଦିନ ମଧ୍ୟରେ ଅମଳ ହୋଇଥାଏ ଏବଂ ଯେଉଁ ଜମି ଗୁଡ଼ିକରେ ଅପେକ୍ଷାକୃତ ଅଧିକ ଦିନ ପର୍ଯ୍ୟନ୍ତ ପାଣି ରହେ, ସେହିପରି ଜମିରେ ଭଲ ହୋଇଥାଏ ଏବଂ ହେକ୍ଟର ପିଛା ୪-୬ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ।

## ଅଳ୍ପ ଖାଲ ଜମି

ଯେଉଁ ଜମି ଗୁଡ଼ିକରେ ଅନେକ ଦିନ ପର୍ଯ୍ୟନ୍ତ ପାଣି ଜମି ରହୁଥାଏ ସେ ଜମି ଗୁଡ଼ିକରେ ଧାନ କିସମ ଯଥା , ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବ୍-୧, ବର୍ଷାଧାନ, ଗାୟତ୍ରୀ, ସାବିତ୍ରୀ, ପୂଜା, ଶାରଳା ଓ ଦୁର୍ଗା ଇତ୍ୟାଦି ସଫଳ ଭାବରେ ଚାଷ କରାଯାଇପାରେ ଓ ଏଥିରୁ ହେକ୍ଟର ପିଛା ୪-୬ ଟନ୍ ପର୍ଯ୍ୟନ୍ତ ଅମଳ ହୁଏ।

ଫସଲ ପର୍ଯ୍ୟାୟରେ ବର୍ଷାଶ୍ରୀତ ଜମିରେ ଦ୍ୱିତୀୟ ଫସଲ ନେବାକୁ ହେଲେ ଅଧିକ ବିଳମ୍ବ କିସମ ଧାନ ବ୍ୟବହାର ନକରିବା ଭଲ । ବିଳମ୍ବ କିସମ ଗୁଡ଼ିକରେ ଫସଲ ପାଚିବା ପରେ ଜମିର ବତର କମିଯିବାର ଭୟ ଥିବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ହେଉଥିବା ଡାଲି ଜାତୀୟ ଫସଲ କୁ କମ୍ ପରିମାଣର ଆଦ୍ରତା ମିଳିବାର ସମ୍ଭାବନା ଥାଏ । ସେଥିପାଇଁ, ବିଳମ୍ବ କିସମ ଧାନ ଉପରେ ଗୁରୁତ୍ୱ ନଦେଇ ଡାଲି ଜାତୀୟ ଫସଲ ବିଶେଷ କରି ମୁଗ ଚାଷ କଲେ ଆମେ ଲାଭବାନ ହୋଇପାରିବା । ବର୍ତ୍ତମାନ ଆମେ ମୁଗ ଫସଲ ଓ ଏହାର ଚାଷ ବାଷ ଉପରେ ବିସ୍ତୃତ ଭାବରେ ଆଲୋଚନା କରିବା।

## ଫଳବିନ୍ଧା ପୋକ

ଏହି ପୋକର ଲାର୍ଭା (ସଂବାଲୁଆ) ସବୁ ପତ୍ରକୁ ଖାଇଯାଆନ୍ତି ଓ ତା ପରେ ଫଳକୁ ଛିଦ୍ର କରି ତା ମଧ୍ୟରେ ଥିବା ମଞ୍ଜିକୁ ଖାଇ ଯାଆନ୍ତି । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଫେନୋଫସ୍ ୨ ମି.ଲି. ପ୍ରତି ଲିଟର ପାଣିରେ ଗୋଳାଇ ସନ୍ଧ୍ୟା ସମୟରେ ପ୍ରୟୋଗ/ସିଞ୍ଚନ କରାଯିବା ଉଚିତ । ଗ୍ରୀଷ୍ମ କାଳୀନ ଗହୀର ଚାଷ, ଘାସ ନିୟନ୍ତ୍ରଣ ଏବଂ ପୋକକୁ ବାଛି ମାରିଦେବା ଦ୍ୱାରା ଅନେକାଂଶରେ ଏହାର ଆକ୍ରମଣରୁ ରକ୍ଷା ମିଳିଥାଏ।

## ଜଉଆ ପୋକ ଓ ଧଳା ମାଛି

ଏହି ମାଛି ସବୁ ଗଛର ପତ୍ର, ଫଳ ଓ ଫୁଲର ରସ ଶୋଷି ନଷ୍ଟ କରିବା ସହିତ ଏହା ଅନେକ ପ୍ରକାରର ରୋଗର ବାହକ ଭାବରେ ମଧ୍ୟ କାର୍ଯ୍ୟ କରିଥାଏ । ରୋଗଗ୍ରସ୍ତ ଗଛରୁ ଏହା ସୁସ୍ଥ ଗଛକୁ ମଧ୍ୟ ଆକ୍ରାନ୍ତ କରିଥାଏ । ଏହାର ନିୟନ୍ତ୍ରଣ ପାଇଁ ଏସିଫେଟ୍ ୧ ଗ୍ରାମ୍ ପ୍ରତି ଲିଟର ବା ଇମିଡାକ୍ଲୋପିଡ୍ ୩ ମି.ଲି ପ୍ରତି ପମ୍ପ (୧୨ ଲିଟର) ପାଣିରେ ଗୋଳାଇ ପ୍ରୟୋଗ କରିବା ଉଚିତ।

## ସଂବାଲୁଆ ପୋକ

ଛୋଟ ଛୋଟ ଲାର୍ଭା ବା ସଂବାଲୁଆ ପତ୍ର ଖାଇବା ସହିତ ପତ୍ରର ସବୁଜ କଣାକୁ ବି ନଷ୍ଟ କରିଦିଅନ୍ତି । ଏହାକୁ ଦମନ କରିବା ପାଇଁ ସମନ୍ୱିତ କୀଟ ନିୟନ୍ତ୍ରଣ ପଦ୍ଧତି ଅବଲମ୍ବନ କରିବା ଉଚିତ । କ୍ୱିନାଲଫସ୍ ୨.୫ ମି.ଲି. ପ୍ରତି ଲିଟର ପାଣିରେ ଗୋଳାଇ ପ୍ରୟୋଗ କଲେ ଏଥିରୁ ରକ୍ଷା ମିଳିଥାଏ।

## ପତ୍ର ଦାଗ ଓ ରୋଗ (ସରକସ୍ପୋରା)

ପତ୍ର ଉପରେ ଖଇରିଆ ରଙ୍ଗର ଗୋଲାକାର ଦାଗ ହୋଇଯାଏ, ଯାହାର ଧାର ଈଷତ୍ ଲାଲ୍ ରଙ୍ଗର ହୋଇଥାଏ । ଏହାର ନିୟନ୍ତ୍ରଣ ପାଇଁ ବ୍ୟାଭିଷ୍ଟିନ୍ ୧ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସିଂଚନ କଲେ ଏହାକୁ ଦମନ କରାଯାଇ ପାରିବ।

## ଆନ୍ଥ୍ରାକ୍‌ନୋଜ୍ ରୋଗ

ଏହି ରୋଗ ଗଛର କୋମଳ ଅଂଶକୁ ଆକ୍ରାନ୍ତ କରିଥାଏ କିନ୍ତୁ ପତ୍ର ଏବଂ ଫଳରେ ଏହାର ଲକ୍ଷଣ ବେଶି ଦେଖାଯାଏ । ଏହି ରୋଗରେ ଗୋଲ ଗୋଲ କଳା ଦାଗ, ଲାଲ୍ ବା ନାରଙ୍ଗୀ (ବାଇଗଣି) ରଙ୍ଗ ପତ୍ରର ଧାରେ ଧାରେ ଦେଖାଯାଏ ଓ ମଝିରେ ମଝିରେ ଫଳକୁ ମଧ୍ୟ ଆକ୍ରାନ୍ତ କରିଥାଏ । ରୋଗର ପ୍ରକୋପ ବେଶୀ ହେଲେ ପତ୍ର ସବୁ ଝଡି ପଡେ ଓ ଫସଲ ନଷ୍ଟ ହୋଇଯାଏ । ତେଣୁ ଏହାକୁ ରୋକିବା ପାଇଁ ବିହନ ବିଶୋଧନ ଜରୁରୀ ହୋଇଥାଏ । କ୍ୟାପଟନ୍ ବା ଥିରାମ୍ ବୁଣିବା ପୂର୍ବରୁ ୩ ଗ୍ରାମ୍ ପ୍ରତି କି.ଗ୍ରା. ମଞ୍ଜିରେ ମିଶାଇ ବୁଣନ୍ତୁ । କାର୍ବେଣ୍ଡାଜିମ୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ଫସଲରେ ପ୍ରୟୋଗ କଲେ ରୋଗର ସଂକ୍ରମଣ କମ୍ ହୋଇଥାଏ।

## ସାହେବୀ ରୋଗ

ଏହି ରୋଗ ପ୍ରଥମେ ଗୋଟିଏ ଦୁଇଟି ଗଛରେ ଦେଖାଦିଏ । ପତ୍ରର ଶିରା ସବୁ ହଳଦିଆ ପଡିଯାଏ ଓ ପରେ ପରେ ପୁରା ପତ୍ରଟି ହଳଦିଆ ହୋଇଯାଏ । ଫଳରେ ଗଛ ଖାଦ୍ୟ ପ୍ରସ୍ତୁତ କରି ନ ପାରି ଉତ୍ପାଦନ ବାଧାପ୍ରାପ୍ତ ହୋଇଥାଏ । ଏହି ରୋଗ ଧଳା ମାଛି ଦ୍ୱାରା ବ୍ୟାପିଥାଏ । ତେଣୁ ପ୍ରଥମେ ଯେତେବେଳେ ଗୋଟିଏ ଦୁଇଟି ଗଛ ଆକ୍ରାନ୍ତ ହୋଇଥାଏ, ସେସବୁ ରୋଗଗ୍ରସ୍ତ ଗଛକୁ ଉପାଡି ମାଟିରେ ପୋତି ଦେବା ବା ପୋଡି ଦେବା ଉଚିତ୍ ।ଏହା ପରେ ଧଳା ମାଛିର ନିୟନ୍ତ୍ରଣ ପାଇଁ ଏସିଫେଟ୍ ୧ ଗ୍ରାମ୍ ପ୍ରତି ଲିଟର ବା ଇମିଡାକ୍ଲୋପିଡ୍ ୩ ମି.ଲି ପ୍ରତି ପମ୍ପ (୧୨ ଲିଟର) ପାଣିରେ ଗୋଳାଇ ପ୍ରୟୋଗ କରିବା ଉଚିତ୍ । ପ୍ରଥମ ସିଂଚନ ଫସଲ ବୁଣିବାର ୨୦ ଦିନ ପରେ ଏବଂ ଦ୍ୱିତୀୟ ସିଂଚନ ୩୦ ଦିନ ପରେ କରିବା ଉଚିତ । କିଛି ବର୍ଷ ହେବ ଏହା ଏକ ଭୟଙ୍କର ସମସ୍ୟା ଭାବରେ ଦେଖାଦେଉଛି । ସେ ଦୃଷ୍ଟିରୁ ଏହି ରୋଗ ପ୍ରତିରୋଧକ ଶକ୍ତି ରହିଥିବା କିସମ ଯଥା, ଟି.ଏ.ଆର୍ . ଏମ୍ ୧ ଓ କେ-୮୫୧ ଇତ୍ୟାଦି ମଧ୍ୟ ବ୍ୟବହାର କରାଯାଇ ପାରେ।

ଯଦି ରାଇଜୋବିୟମ୍ କଲ୍‌ଚର୍ ମିଳୁଥାଏ ତାହେଲେ ମଞ୍ଜିକୁ କବକ ନାଶକ ଔଷଧ ପ୍ରୟୋଗ କରିବାର ୭ ଦିନ ପରେ ରାଇଜୋବିୟମ୍ କଲ୍‌ଚର୍ ଦ୍ୱାରା ନିଶ୍ଚିତ ଭାବରେ ଉପଚାର କରିବା ଉଚିତ । ଏଥିପାଇଁ ପ୍ରଥମେ ୩୫୦ ଗ୍ରାମ୍ ଗୁଡକୁ ୧ ଲିଟର ପାଣିରେ ମିଶାଇ ୨୫ ରୁ ୩୦ ମିନଟ୍ ଗରମ୍ କରି ଥଣ୍ଡା କରିବାକୁ ହେବ । ପୁରାପୁରି ଥଣ୍ଡା ହେବା ପରେ ତା ଦେହରେ ୫୦୦ ଗ୍ରାମ୍ ରାଇଜୋବିୟମ୍ କଲ୍‌ଚର ମିଶାଇ ଏହି ମିଶ୍ରଣକୁ କବକ ନାଶକ ଦ୍ୱାରା ଉପଚାରିତ ମଞ୍ଜିରେ ଭଲଭାବରେ ଗୋଳାଇ ଘଣ୍ଟେ ଦୁଇ ଘଣ୍ଟା ଛାଡି ଜମିରେ ଲଗାଇଦେବା ଉଚିତ । ରାଇଜୋବିୟମ୍ କଲ୍‌ଚର ଦ୍ୱାରା ବିହନ ଉପଚାର କଲେ ସେଇ ବିହନରୁ ଯେଉଁ ଗଛ ହେବ ସେ ଗଛର ଚେରରେ ଅଧିକ ପରିମାଣରେ ଭାତୁଡି ସୃଷ୍ଟି ହୋଇଥାଏ ଯାହାକି ଯବକ୍ଷାରଜାନ ସଂଗ୍ରହ ପ୍ରକ୍ରିୟାକୁ ବଢାଇ ଦେଇଥାଏ । ମୁଗ ଚାଷ ପରେ ମାଟିରେ ୩୦ ରୁ ୪୦ କି.ଗ୍ରା. ଯବକ୍ଷାରଜାନ ସଂଗୃହୀତ ହୋଇ ରହେ ଯାହାକି ପରବର୍ତ୍ତୀ ଖରିଫ ଫସଲ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଥାଏ । ଏହା ଦ୍ୱାରା ମୁଗର ଉତ୍ପାଦନ ମଧ୍ୟ ୧୫ ରୁ ୨୦ ପ୍ରତିଶତ ବୃଦ୍ଧି ପାଇଥାଏ । ଏଣୁ ରାଇଜୋବିୟମ୍ କଲ୍‌ଚର୍ ଦ୍ୱାରା ଉପଚାର କରିବା ନିହାତି ଆବଶ୍ୟକ ।

ଗ୍ରୀଷ୍ମଋତୁରେ ମୁଗ ବୁଣିବାର ପ୍ରକୃତ ସମୟ ୧୫ ମାର୍ଚ୍ଚରୁ ୧୫ ଏପ୍ରିଲ । ଏହା ଫଳରେ ବର୍ଷା ଋତୁ ଆସିବା ପୂର୍ବରୁ ଫସଲ ଅମଳ ହୋଇଯାଏ । ମୁଗ ବୁଣିଲା ବେଳେ ଧାଡିକୁ ଧାଡି ୩୦ ସେ.ମି ଏବଂ ଗଛକୁ ଗଛର ଦୂରତା ୧୦ ସେ.ମି. ହେବା ଉଚିତ ।

ଆମ ରାଜ୍ୟରେ ସାଧାରଣତଃ ଧାନ କାଟିବା ପରେ ପରେ ଯଥା ରବି ଋତୁରେ ମୁଗ ଚାଷ କରାଯାଇଥାଏ । ଏଣୁ ରବି ଫସଲ ପାଇଁ ମଞ୍ଜି ବୁଣିବାର ପ୍ରକୃଷ୍ଟ ସମୟ ଅକ୍ଟୋବର ରୁ ନଭେମ୍ବର ମଧ୍ୟରେ ବୋଲି ବିବେଚନା କରାଯାଏ

## ଘାସ ନିୟନ୍ତ୍ରଣ

ଘାସ ନିୟନ୍ତ୍ରଣ ପାଇଁ ଦୁଇଥର ହାତରେ ଘାସ ବାଛିବା ଉଚିତ । ପ୍ରଥମ ଥର ଘାସବଛା ମଞ୍ଜି ବୁଣିବାର ୨୫ ଦିନ ପରେ ଏବଂ ଦ୍ୱିତୀୟ ଥର ୪୫ ଦିନ ବା ଦେଢମାସ ପରେ କରିବା ଉଚିତ୍ । ଗ୍ରୀଷ୍ମ ଋତୁରେ ଘାସ ନାଶକ ଔଷଧ ଦ୍ୱାରା ଜମିକୁ ପରିଷ୍କାର ରଖାଯାଇ ପାରେ, କାରଣ ଗ୍ରୀଷ୍ମ ଋତୁରେ ଘାସର ପରିମାଣ କମ୍ ଥାଏ । ଏଥିପାଇଁ ଲାସୋ ୩ କି.ଗ୍ରା. ହିସାବରେ ୧୦୦୦ ଲିଟର ପାଣିରେ ଗୋଳାଇ ମଞ୍ଜି ବୁଣିବାର ସଙ୍ଗେ ସଙ୍ଗେ ପ୍ରୟୋଗ କରିବା ଉଚିତ । ରବି ଫସଲରେ ମଧ୍ୟ ଏହି ଔଷଧ ପ୍ରୟୋଗ କରାଯାଇପାରେ । ଫସଲ ବୁଣିବାର ୨୫-୩୦ ଦିନ ପରେ ମୁଥା ଘାସକୁ ଉପାଡିବା ପାଇଁ ଏଥିରେ ଗୋଟିଏ ଥର ଘାସ ବାଛିବା ଆବଶ୍ୟକ ହୁଏ ।

## ଜଳ ସେଚନ

ଖରିଫ୍ ଋତୁରେ ଲଗାଯାଉଥିବା ଫସଲ ପାଇଁ ଜଳସେଚନର ଆବଶ୍ୟକତା ନାହିଁ, କିନ୍ତୁ ଏହି ଋତୁରେ ଜଳ ନିଷ୍କାସନର ବ୍ୟବସ୍ଥା କରିବା ଉଚିତ । ରବି ଋତୁରେ ଗୋଟିଏରୁ ଦୁଇଟି ଜଳସେଚନ ଆବଶ୍ୟକ ହୋଇଥାଏ । ପ୍ରଥମ ଜଳସେଚନ ଫସଲ ବୁଣିବାର ୨୦-୨୫ ଦିନ ପରେ ତଥା ଦ୍ୱିତୀୟ ଥର ୪୫ ଦିନ ପରେ କରିବା ଉଚିତ । ଗ୍ରୀଷ୍ମ ଋତୁରେ ପ୍ରଥମ ଜଳ ସେଚନ ୨୦-୨୫ ଦିନ ପରେ, ଦ୍ୱିତୀୟ ଥର ୪୫ ଦିନ ପରେ ଏବଂ ତୃତୀୟ ଜଳସେଚନ ଫଳ ହେବା ସମୟରେ କରିବା ଉଚିତ । ଯଦି ବୁଣିବା ସମୟରେ ମାଟିରେ ଜଳୀୟ ଅଂଶ ନଥାଏ ତାହେଲେ ଏକ ହାଲୁକା ଜଳ ସେଚନ କରିବା ଦ୍ୱାରା ଭଲ ଭାବରେ ମଞ୍ଜି ଗଜା ହୋଇଥାଏ ।

## ଫସଲ ସଂରକ୍ଷଣ

ଅନ୍ୟ ଫସଲ ପରି ମୁଗ ଫସଲ ମଧ୍ୟ ଅନେକ ପ୍ରକାରର ପୋକ ଓ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାଏ । ସେଗୁଡିକ ମଧ୍ୟରୁ କିଛି ପୋକ ତଥା ରୋଗ ଏବଂ ତାର ନିରାକରଣ ବିଷୟରେ ନିମ୍ନରେ ଦିଆଗଲା :

ଡାଲି ଜାତୀୟ ଫସଲ ମାନଙ୍କ ମଧ୍ୟରେ ମୁଗର ଗୋଟିଏ ବିଶେଷ ସ୍ଥାନ ରହିଛି । ଭାରତ ଏହାର ଜନ୍ମସ୍ଥାନ ଅଟେ, କିନ୍ତୁ ପୃଥିବୀର ଅନେକ ଦେଶରେ ଏପରିକି ପାକିସ୍ଥାନ, ବଙ୍ଗଳାଦେଶ, ଶ୍ରୀଲଙ୍କା, ଥାଇଲାଣ୍ଡ, କଂପୁଚିୟା, ଭିଏତ୍‌ନାମ, ଇଣ୍ଡୋନେସିଆ, ଚୀନ୍, ମାଲେସିଆ, ତାଇୱାନ୍ ଇତ୍ୟାଦି ଦେଶରେ ମୁଗ ଚାଷ କରାଯାଏ ଏବଁ ତାକୁ ଡାଲି ହିସାବରେ ବ୍ୟବହାର କରାଯାଏ । ଏହା ଖରିଫ୍ (ବର୍ଷା), ରବି ଏବଂ ଗ୍ରୀଷ୍ମ ତିନୋଟି ଯାକ ଋତୁରେ ସୁବିଧାରେ ଚାଷ କରାଯାଇପାରେ । ଉତ୍ତର ଓ ମଧ୍ୟ ଭାରତରେ ଏହାର ଚାଷ ଖରିଫ୍ ଓ ରବି ଋତୁର ମଝି ସମୟରେ ଯଥା ବସନ୍ତ ଋତୁରେ ବା ଗ୍ରୀଷ୍ମ ଋତୁରେ କରାଯାଏ । ଯେଉଁଠାରେ ଜଳ ସେଚନର ବ୍ୟବସ୍ଥା ରହିଛି ସେଠାରେ ରବି ଫସଲ କଟା ପରେ ସାଧାରଣତଃ ଗ୍ରୀଷ୍ମ ଋତୁରେ ମୁଗ ଫସଲ ଚାଷ କରାଯାଏ ।

ମୁଗରେ ଉନ୍ନତ ମାନର ପୃଷ୍ଟିସାର ଖାଦ୍ୟ ରହିଛି ତଥା ଗଜା ମୁଗରେ ମଧ୍ୟ ଅନେକ ପ୍ରକାରର ଜୀବସାର ରହିଛି ଯାହା ଶରୀର ପାଇଁ ଖୁବ୍ ଲାଭପ୍ରଦ । ମୁଗ ଯୁକ୍ତ ଖାଦ୍ୟ ଯୋଗୁ ଶରୀରରେ ଲୌହ ଉପାଦାନ ଅଧିକ ମିଳିଥାଏ ଏବଂ ରକ୍ତରେ ରକ୍ତକଣିକାର ପରିମାଣ ବଢିଥାଏ । ମୁଗରୁ ଡାଲି, ହାଲୁଆ ଏବଂ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ତିଆରି ହୋଇଥାଏ । କ୍ଷୀର ଦେଉଥିବା ପଶୁ ମାନଙ୍କର ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ଓ ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ମୁଗକୁ ଗୋଖାଦ୍ୟ ହିସାବରେ ମଧ୍ୟ ବ୍ୟବହାର କରାଯାଏ । ମୁଗ ଡାଲି ଜାତୀୟ ଫସଲ (legume) ହୋଇଥିବାରୁ, ଏହା ବାୟୁମଣ୍ଡଳୀୟ ନିଷ୍କ୍ରିୟ ଯବକ୍ଷାରଜାନକୁ ଚେରରେ ଥିବା ଗ୍ରନ୍ଥୀରେ (ଭାତୁଡି) ରାଇଜୋବିୟମ୍ ଜୀବାଣୁ ସାହାଯ୍ୟରେ ସଂଗ୍ରହ କରି ରଖେ । ରାଇଜୋବିୟମ୍ ଜୀବାଣୁ ମୁଗ ଫସଲର ଚେରରେ ଭାତୁଡି ସୃଷ୍ଟି କରି ଗଛକୁ ଯବକ୍ଷାରଜାନ ଯୋଗାଏ ଏବଂ ମାଟିର ଉର୍ବରତା ବଢାଏ ।

ଏକ ହେକ୍ଟରରେ ଲଗାଯାଇଥିବା ମୁଗ ଫସଲ ହାରାହାରି ୩୦-୪୦ କିଲୋଗ୍ରାମ ପର୍ଯ୍ୟନ୍ତ ଯବକ୍ଷାରଜାନ ସଂଗ୍ରହ କରି ପାରିବ ଯାହା ଜମିର ଉର୍ବରତା ବୃଦ୍ଧି କରିବା ସହିତ ପରବର୍ତ୍ତୀ ସମୟରେ ଲଗାଯାଉଥିବା ଫସଲ ପାଇଁ ଫଳପ୍ରଦ ହୋଇଥାଏ । ମୁଗ ଚାଷ ଦ୍ୱାରା ଜମିରେ ବହୁଳ ପରିମାଣରେ ଜୈବପଦାର୍ଥ ଜମା ହୋଇ ରହେ । ମୁଗ ତୋଳି ସାରିବା ପରେ ଯଦି ଜମିକୁ ଭଲ ଭାବରେ ହଳ କରି, ଗଛ ମାନଙ୍କୁ ମାଟିରେ ମିଶାଇ ଦିଆଯାଏ ତେବେ ତାହା ଏକ ଉତ୍ତମ ସବୁଜ ସାର ଭାବରେ କାମ କରେ । ମୁଗକୁ ଶାରଦ ଧାନ ପରେ ମୁଖ୍ୟ ଫସଲ ଭାବରେ ଲଗାଯିବା ସହିତ ମିଶ୍ରୀତ ଚାଷ ବା ଅନ୍ତର୍ବର୍ତୀ ଫସଲ ହିସାବରେ ମଧ୍ୟ ସହଜରେ ଚାଷ କରାଯାଇ ପାରେ ।

ଭାରତ ବର୍ଷରେ ମୁଗ ଚାଷ ଅନେକ ରାଜ୍ୟରେ କରାଯାଏ । ମୁଗ ଚାଷରେ ଜମିର ଆୟତନ ଅନୁସାରେ ଓଡିଶା ପଞ୍ଚମ ସ୍ଥାନ ଅଧିକାର କରୁଥିଲେ ମଧ୍ୟ (୨୫୫ ହଜାର ହେକ୍ଟର) ଉତ୍ପାଦକତା ରେ ସପ୍ତମ ସ୍ଥାନ (୨୪୩ କି.ଗ୍ରା. / ହେକ୍ଟର) ଓ ଉତ୍ପାଦନରେ ଦେଶର ଷଷ୍ଠ ସ୍ଥାନ ଅଧିକାର କରେ (୬୨ ହଜାର ଟନ୍) । ସମଗ୍ର ଭାରତ ବର୍ଷରେ ଆୟତନ ଓ ଉତ୍ପାଦକତାରେ ରାଜସ୍ଥାନ ପ୍ରଥମ ସ୍ଥାନ ଅଧିକାର କରୁଥିବା ସମୟରେ ଉତ୍ପାଦକତାରେ ଉତ୍ତର ପ୍ରଦେଶ ପ୍ରଥମ ସ୍ଥାନ ଅଧିକାର କରେ(୫୫୫ କିଗ୍ରା /ହେକ୍ଟର) । ଓଡିଶାରେ ମୁଗ ୨୬୬.୯ ହଜାର ହେକ୍ଟର ଜମିରେ ଚାଷ କରାଯାଏ, ଯେଉଁଥିରୁ ୬୩.୧୦ ହଜାର ଟନ୍ ଅମଳ ମିଳେ, ଯେଉଁଥିରେ ମୁଗର ଉତ୍ପାଦକତା ପ୍ରତି ହେକ୍ଟର ପିଛା ୨୩୩ କି.ଗ୍ରା. ଅଟେ । ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ବିହାର ତଥା କର୍ଣ୍ଣାଟକ ଆଦି ରାଜ୍ୟରେ ମଧ୍ୟ ମୁଗ ଚାଷ କରାଯାଏ ।

## ମୁଗ ଚାଷ ଉପରେ ବିଶେଷ ଧ୍ୟାନଦେବା ଦିଗ ଗୁଡିକ ହେଲା:

### ଜଳବାୟୁ

ଉତ୍ତର ଭାରତରେ ମୁଗ ଚାଷ ସାଧାରଣତଃ ଖରାଦିନେ ଏବଂ ଖରିଫ୍ ଋତୁରେ କରାଯାଏ କିନ୍ତୁ ପୂର୍ବ ତଥା ଦକ୍ଷିଣ ଭାରତରେ ଏହା ରବି ଋତୁରେ ଲଗାଯାଏ । ଏହି ଚାଷ ପାଇଁ ଉଷ୍ମ ଜଳବାୟୁ ଆବଶ୍ୟକ ହୋଇଥାଏ ତଥା ଏହା ଜଳାଭାବ ସହନ କରିବାର ଶକ୍ତି ମଧ୍ୟ ରଖିଥାଏ । ପ୍ରାୟ ବାର୍ଷିକ ୫୦୦ ରୁ ୭୦୦ ମି.ମି. ବର୍ଷା ହେଉଥିବା ସ୍ଥାନରେ ଏହାର ଚାଷ ଖୁବ୍ ଭଲ ଭାବରେ କରାଯାଇପାରେ । ସମୁଦ୍ର ପତ୍ତନରୁ ୨୦୦୦ ମିଟର ପର୍ଯ୍ୟନ୍ତ ଉଚ୍ଚତାରେ ମଧ୍ୟ ଏହାର ଚାଷ କରାଯାଇ ପାରିବ ।

## ମୃତ୍ତିକା

ଦକ୍ଷିଣ ଭାରତରେ ମୁଗ ଚାଷ ଲାଲ୍ ଲାଟେରାଇଟ୍ ମାଟିରୁ, ମଧ୍ୟପ୍ରଦେଶ ର କଳା ଭାରୀ ମାଟି ସହ ରାଜସ୍ଥାନର ବାଲିଆ ମାଟିରେ ମଧ କରାଯାଇପାରେ କିନ୍ତୁ ଦୋରସା ତଥା ବାଲିଆ ଦୋରସା ମାଟିରେ ଏହାର ଚାଷ ସବୁଠାରୁ ଭଲ ହୋଇଥାଏ। ଏହି ଫସଲ ପାଇଁ ଅତ୍ୟଧିକ ଜଳ କ୍ଷତିକାରକ ହୋଇଥାଏ। ତେଣୁ ଜଳ ନିଷ୍କାସନର ବ୍ୟବସ୍ଥା ରହିବା ଉଚିତ୍। ଅଧିକ କ୍ଷାରୀୟ ବା ଅମ୍ଳୀୟ ମାଟିରେ ଏହା ଚାଷ କରାଯାଇ ପାରିବ ନାହିଁ । ଓଡିଶାର ଅମ୍ଳୀୟ ମାଟିରେ ଉତ୍ପାଦନ ବଢାଇବା ପାଇଁ ଚୂନ ପ୍ରୟୋଗ କରାଯାଇପାରେ। ଫସଲ ଲଗାଇବା ପୂର୍ବରୁ ପ୍ରତି ଏକରରେ ୨୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଚୂନ ଜମି ପ୍ରଥମ ଓଡ ଚାଷ କରିବା ସମୟରେ ମାଟି ସହିତ ମିଶାଇଦେବା ଦରକାର। ମାଟି ଉଠାଇ ପଟାଳି କରି କିମ୍ବା ଜମି ହିଡରେ ଚାଷ କଲେ ମଧ ଉତ୍ପାଦନ ଭଲ ହୋଇଥାଏ।

## ବିହନ କିସମ ନିର୍ବାଚନ

ପାଞ୍ଚଟି ଅଧିକ ଅମଳକ୍ଷମ ମୁଗ କିସମ ଓଡିଶାରୁ ବିକଶିତ କରା ଯାଇଅଛି । ସେଗୁଡିକ ହେଲା, ଧଉଳି, ସୁଜାତା, ଜ୍ୟୋତି, କାମଦେବ ଓ ଦୁର୍ଗା । ଏଗୁଡିକ ମଧ୍ୟରୁ ଧଉଳି, ସୁଜାତା ଓ ଦୁର୍ଗା ସମସ୍ତ ଋତୁ ଯଥା ବର୍ଷା, ରବି ଋତୁ ପୂର୍ବରୁ, ରବି ତଥା ଗ୍ରୀଷ୍ମ ଋତୁରେ ଚାଷ କରାଯାଇ ପାରିବ ଏବଂ ଜ୍ୟୋତି କିସମ ଶୀତ ଓ ଗ୍ରୀଷ୍ମ ଋତୁରେ ସଫଳ ଭାବେ ଚାଷ କରାଯାଇ ପାରିବ। କାମଦେବ, ଦୁର୍ଗା ଓ ଧଉଳି ଇତ୍ୟାଦି କିସମ ଏକର ପିଛା ୧୨-୧୫ କ୍ୱିଣ୍ଟାଲ ଅମଳ ଦେଉଥିବା ବେଳେ ଜ୍ୟୋତି ଓ ସୁଜାତା ୮-୧୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ଦେଇଥାଏ। ଏହାଛଡା ଆଉ କେତେକ କିସମ ଓଡିଶାରେ ସଫଳ ଭାବରେ ଚାଷ କରାଯାଇପାରେ । ସେଗୁଡିକ ମଧ୍ୟରୁ ବର୍ଷା ଋତୁରେ ହେଉଥିବା କିସମ ଗୁଡିକ ହେଲା କେ-୮୫୧(K-851) ପି.ଡି.ଏମ୍.-୫୪(PDM-54), ପି.ଡି.ଏମ୍.-୧୩୯ (PDM-139), ଏଚ୍.ୟୁ.ଏମ୍.-୧ (HUM-1) ଏବଂ ପୁଷା ବିଶାଲ୍। ଏ ସବୁ କିସମ ପ୍ରାୟ ୬୫-୭୦ ଦିନରେ ଅମଳ ହୁଏ ଏବଂ ହେକ୍ଟର ପିଛା ୭-୮ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ଦେଇଥାଏ।

**ରବି ଫସଲ ପୂର୍ବରୁ (ସେପ୍ଟେମ୍ବର-ଅକ୍ଟୋବର) ରେ ଭଲହେଉଥିବା କିସମ ଗୁଡିକ ହେଲା:** ଟି.ଏ.ଆର୍.ଏମ୍.-୧ (TARM-1), ପୁଷା-୯୦୭୨ (PUSA-9072), ଏଲ୍.ଜି.ଜି-୪୬୦ (LGG-460)। ଏ ସମସ୍ତ କିସମ ୬୫ ରୁ ୭୦ ଦିନରେ ଅମଳ ହୋଇଥାଏ (ଟି.ଏ.ଆର୍.ଏମ୍.-୧ ର ଅମଳ ସମୟ ୭୦-୭୫ ଦିନ) ଏବଂ ହେକ୍ଟର ପିଛା ୮.୦ ରୁ ୮.୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ଦେଇଥାଏ।

**ରବି ଫସଲ ପାଇଁ ଉପଯୁକ୍ତ କିସମ:** ଟି.ଏ.ଆର୍.ଏମ୍.-୧(TARM-1), ଟି.ଏ.ଆର୍.ଏମ୍.-୨(TARM-2), ପୁଷା-୯୦୭୨ (PUSA-9072), ପୁଷା-୯୫୩୧ (PUSA-9531), ଏଲ୍.ଜି.ଜି-୪୧୦ (LGG-410), ଏଲ୍.ଜି.ଜି 460 (LGG-460), ଏସ୍.ଏମ.ଏଲ-୬୬୮ (SML-668), ଓ.ବି.ଜି.ଜି-୫୨ (OBGG-52) ଓ ପ୍ରଜ୍ଞା। ଏଗୁଡିକ ମଧ୍ୟରୁ ଟି.ଏ.ଆର୍.ଏମ୍.-୧ (TARM-1) ଓ ପ୍ରଜ୍ଞା ୭୦-୭୫ ଦିନରେ; ବାକି କିସମ ଗୁଡିକ ୬୫-୭୦ ଦିନରେ ଅମଳ ହୁଏ। ଏସବୁ କିସମ ଗୁଡିକରୁ ୭-୮ କ୍ୱିଣ୍ଟାଲ ହେକ୍ଟର ପିଛା ଅମଳ ମିଳିଥାଏ।

**ବସନ୍ତ ଅଥବା ଗ୍ରୀଷ୍ମ ଋତୁ ପାଇଁ ଉପଯୁକ୍ତ କିସମ (ଫେବୃୟାରୀ-ମାର୍ଚ୍ଚ):** ପି.ଡି.ଏମ୍ ୨ (PDM-2), ପି.ଡି.ଏମ୍ ୫୪ (PDM-54), ସମ୍ରାଟ, ଏଚ୍.ୟୁ.ଏମ୍-୧୨ (HUM-12), ଆଇ.ପି.ଏମ୍-୦୨-୦୩ (IPM-02-03) ଏ ସମସ୍ତ କିସମ ୬୦ ରୁ ୬୫ ଦିନରେ ଅମଳ ହୁଏ ଏବଂ ୯.୦ ରୁ ୯.୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ଦେଇଥାଏ।

## ଚାଷ ପ୍ରଣାଳୀ

### ଜମି ପ୍ରସ୍ତୁତି

ମୁଗ ଚାଷ ପାଇଁ ପ୍ରଥମ ଥର ଜମିକୁ ଭଲଭାବରେ ଚାଷ କରିବା ଆବଶ୍ୟକ। ତାପରେ ଆଉ ଦୁଇ ଥର ହାଲୁକା ଭାବରେ ହଳ କରି ମଇ ଦେଲେ ଜମି ପ୍ରସ୍ତୁତି କାମ ସଂପୂର୍ଣ୍ଣ ହୋଇଥାଏ । ରବି ଋତୁରେ ଧାନ ଅମଳ ହେବାପରେ ମୁଗ ଚାଷ କରାଯାଇପାରେ। କିଛି କିଛି ସ୍ଥାନରେ ଧାନ ଫସଲ ଅମଳ ପୂର୍ବରୁ ମଧ ଏହାକୁ ଛଟାବୁଣା କରାଯାଏ। ଏହାକୁ ଅମୁଁହା ବା ଅଛରା ବୁଣା କୁହାଯାଏ। ଏଲ୍.ଜି.ଜି.-୪୬୦ ଓ ପ୍ରଜ୍ଞା କିସମ, ଏଭଳି ଚାଷ ପାଇଁ ଉପଯୁକ୍ତ। ଗ୍ରୀଷ୍ମ ବା ବସନ୍ତ ଋତୁରେ କେନାଲ ଜଳ ସେଚିତ ଅଞ୍ଚଳର ତଳଭାଗରେ ଏବଂ ଉଠା ଜଳସେଚନ ସୁବିଧା ଥିବା ଅଞ୍ଚଳରେ, ମୁଗ ଦ୍ୱିତୀୟ ଫସଲ ହିସାବରେ, ଯଥା, ଚିନାବାଦାମ୍, ସୋରିଷ, ଆଳୁ ଓ ଗହମ ଅମଳ କରିବା ପରେ ମଧ ଲଗାଯାଇଥାଏ। ମାଟିରେ ଜଳୀୟ ଅଂଶ ଥିଲେ, ଏହା ଗଜାହେବା ପାଇଁ ଆଉ ଫସଲର ପ୍ରାରମ୍ଭିକ ବୃଦ୍ଧି ପାଇଁ ସହାୟକ ହୁଏ। ଏଣୁ ମାଟିର ଜଳୀୟ ଅଂଶ କମ୍ ଥିଲେ ଫସଲ ଲଗାଇବା ପୂର୍ବରୁ ହାଲୁକା ଜଳସେଚନ ନିହାତି ଆବଶ୍ୟକ।

## ସାର ପ୍ରୟୋଗ

ଉର୍ବର ମାଟିରେ ମୁଗ ଚାଷ କଲେ ମାଟିରେ ସାର ପ୍ରୟୋଗ କରିବାର ଆବଶ୍ୟକତା ପ୍ରାୟତଃ ପଡି ନଥାଏ କିମ୍ବା ଅନୁମୋଦିତ ହାର ଠାରୁ କମ୍ ସାର ପ୍ରୟୋଗ କରାଯାଏ । ସାଧାରଣତଃ ମୁଗ ଫସଲ ପାଇଁ ହେକ୍ଟର ପ୍ରତି ୧୫-୨୦ କି.ଗ୍ରା ଯବକ୍ଷାରଜାନ ଏବଂ ୪୦-୪୫ କି.ଗ୍ରା ଫସ୍‌ଫରସ୍ ସାର ପ୍ରୟୋଗ କରିବା ଉଚିତ୍। ହେକ୍ଟର ପ୍ରତି ୧୦୦-୧୧୦ କି.ଗ୍ରା ଡି.ଏ.ପି, ୨୦ କି.ଗ୍ରା. ସଲ୍‌ଫର୍ ତଥା ୧୫ କି.ଗ୍ରା ଜିଙ୍କ୍ ସଲ୍‌ଫେଟ୍ ପ୍ରୟୋଗ କରିବା ଆବଶ୍ୟକ।

## ବିହନ ପରିମାଣ, ବିଶୋଧନ ଏବଂ ଲଗାଇବା ପ୍ରଣାଳୀ

ମୁଗର କିସମ ଓ ଦାନାର ଆକାର ଅନୁଯାୟୀ ବିହନ ହାର ହେକ୍ଟର ପିଛା ୨୫-୩୦ କି.ଗ୍ରା. ହେବା ଉଚିତ୍। ଦେଶୀ ମୁଗର ଦାନା ଛୋଟ ଥିବାରୁ ଏହା ପ୍ରତି ହେକ୍ଟର ୨୦ କି.ଗ୍ରା. ଅନୁସାରେ ଏବଂ ଯଦି ମୁଗକୁ ସବୁଜ ଗୋଖାଦ୍ୟ ହିସାବରେ ବ୍ୟବହାର କରାଯାଏ ତେବେ ହେକ୍ଟର ପିଛା ୩୦ କି.ଗ୍ରା. ହିସାବରେ ଲଗାଯିବା ଉଚିତ।




ଫସଲ ଲଗାଇବା ପୂର୍ବରୁ ବିହନ ବିଶୋଧନ କରିବା ନିତାନ୍ତ ଆବଶ୍ୟକ । ବିହନ ବିଶୋଧନ ଦ୍ୱାରା ଅନେକ ପ୍ରକାରର କବକ ଜାତୀୟ ରୋଗରୁ ଗଛକୁ ରକ୍ଷା ମିଳିଥାଏ । କବକ ନାଶକ ଔଷଧ ମଧ୍ୟରେ କ୍ୟାପଟନ୍, ଥିରାମ୍ ବା କାର୍ବେଣ୍ଡାଜିମ୍ ବ୍ୟବହାର କରାଯାଇପାରେ । ଏଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏକୁ ପ୍ରତି କି.ଗ୍ରା. ୨ ରୁ ୨.୫ ଗ୍ରାମ୍ ହିସାବରେ ମଞ୍ଜିକୁ ଔଷଧରେ ବିଶୋଧନ କରିବା ଆବଶ୍ୟକ ।

ଜୈବ କବକ ନାଶକ ଟ୍ରାଇକୋଡରମା ଭିରିଡି ୧ କି.ଗ୍ରା. ମଞ୍ଜି ପ୍ରତି ୫ ଗ୍ରାମ୍ ହିସାବରେ ପ୍ରୟୋଗ କରିବା ଉଚିତ । ମଞ୍ଜିକୁ ପରିଷ୍କାର ଜାଗାରେ ବା ପଲିଥିନ୍ ଉପରେ ଛାଇ ଜାଗାରେ ରଖି ଅଳ୍ପ ପାଣି ଦେଇ ଭିଜାଇବା ଉଚିତ । ତାହାପରେ ଔଷଧକୁ ଭଲଭାବରେ ହାତ ଦ୍ୱାରା ମଞ୍ଜି ସହିତ ମିଶାଇ ୬ ରୁ ୮ ଘଣ୍ଟା ପର୍ଯ୍ୟନ୍ତ ଛାଇଥିବା ଜାଗାରେ ଶୁଖାଇ ଲଗାଇବା ଆବଶ୍ୟକ।